# Akashvani, Sambalpur

## SAMBALPURI NEWS EVENING BULLETIN

**10 October 2025- 7.02 pm- 7.12 pm.**

*********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନାର୍ କର୍‌ବେ ଶୁଭାରମ୍ଭ ।

- ହୀରାକୁଦ୍ ଇଂଟିଗ୍ରେଟେଡ୍ ଏକ୍ୱାପାର୍କ ଆର୍ ଭୁବ୍‌ନେଶ୍ୱର୍ ନ ଷ୍ଟେଟ୍ ଅଫ୍ ଦ ଆର୍ଟ ହୋଲ୍‌ସେଲ୍ ମାଛ ବଜାର ର ଆଭାସୀ ଜରିଏ କର୍‌ବେ ଶିଲାନ୍ୟାସ୍ ।

୨- ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଚାଲିଛେ ରାଜ୍ୟ କେବିନେଟ୍‌ର ବୈଠକ୍ ।

୩- ଭେନେଜୁଏଲା ନ ଗଣତନ୍ତ୍ର ଥାପ୍‌ନା ଲାଗି ମାରିଆ କୋରିନା ପାଏବେ ନୋବେଲ୍ ଶାନ୍ତି ପୁରସ୍କାର୍ ।

ଆଉର୍

୪- ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ନେସ୍‌ନାଲ୍ ଜୁନିଅର୍ ଆଥ୍‌ଲେଟିକ୍ ଚାମ୍ପିଅନ୍‌ସିପ୍ ହେଲା ମୁଲ୍ ।

ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନା ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ଦେଶେ ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନା ଆଉ ଶସ୍ୟ କ୍ଷେତ୍ରଥି ଆତ୍ମନିର୍ଭର୍ ମିଶନ୍ ର୍ ଶୁଭାରମ୍ଭ କର୍‌ବେ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଠାନେ ଷ୍ଟେଟ୍ ଅଫ୍ ଦ ଆର୍ଟ ହୋଲ୍‌ସେଲ୍ ମାଛ ବଜାର୍ ଆଉ ହୀରାକୁଦ୍ ଇଂଟିଗ୍ରେଟେଡ୍ ଆକ୍ୱାପାର୍କର ଆଭାସୀ ଜରିଏ ଶିଲାନ୍ୟାସ୍ କର୍‌ବେ । ଇତାର୍‌ସହେତେ କୃଷି, ମାଛ୍ ଚାଷ୍, ପଶୁପାଲନ୍, ଖାଦ୍ୟ ପ୍ରକ୍ରିୟାକରଣ୍ କ୍ଷେତ୍ରଥି ବହୁତ୍‌ଟେ ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଦେଶର୍ ଚାଷୀ, କୃଷି ଉତ୍ପାଦକ ସଂଗଠନ୍, ସମବାୟ ସମିତି ଆଉ କୃଷି କ୍ଷେତ୍ର ନ ଉଲ୍ଲେଖନୀୟ ଅବଦାନ୍ ଦେଇଥିବା ସୃଜନଶୀଳ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ୍ କର୍‌ବେ ବଲି କୃଷିମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମନ୍ତ୍ରଣାଳୟର୍ ସୂଚ୍‌ନା ଅନ୍‌ସାରେ ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନା ଜରିଏ ଦେଶର୍ ଶହେ ଟା କମ୍ ଉତ୍ପାଦନ୍ କରୁଥିବା ଜିଲ୍ଲାମାନ୍‌କୁ ବଛାଯାଇକରି ସେନ କୃଷିକ୍ଷେତ୍ରର୍ ବିକାଶ୍ ଆଉ ଚାଷୀମାନ୍‌କର୍ କମାନି ବଢ଼ାବାର୍ ଦିଗେ କାମ୍ କରାଯିବା । ଇତାର୍‌ସହେତେ ଜିଲ୍ଲାର୍ ସବୁ ଜାଗାକେ ଜଲ୍‌ସେଚନ୍ ବ୍ୟବସ୍ଥା କରାଯାଇକରି ଫସଲ୍ ବିବିଧତା ଉପ୍‌ରେ କାମ୍ କରାଯିବା । ସେନ୍ତା ଫସଲ୍ ଠୋଲ୍ କରିକରି ରଖ୍‌ବାର୍ ଲାଗି ଗୁଦାମ୍ ଘର୍ ଆଉ ଶୀତଲ୍‌ଭଣ୍ଡାର୍ ଭିତିଭୂମି

ବର୍‌କସ୍ କରାଯିବା ବଲି ମନ୍ତ୍ରଣାଲୟ ତର୍‌ଫୁ କୁହାଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ ଯୋଜ୍‌ନା-ରାଜ୍ୟସ୍ତରୀୟ ସମାରୋହ

I&PR

ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନାର୍ ଶୁଭାରମ୍ଭର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ ଆଏବା କାଏଲ୍ ଦିନର୍ ସାଢ଼େ ୯ ବଜେ ଭୁବ୍‌ନେଶ୍ୱର୍ ଓୟୁଏଟି ଠାନେ ଥିବା କୃଷି ଶିକ୍ଷା ସଦନ୍ ଠାନେ ହେବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ପ୍ରମୁଖ୍ ଉପସ୍ଥିତ୍ ରହେବାର୍ କାର୍ଯ୍ୟସୂଚୀ ରହିଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ନୂଆଦିଲ୍ଲୀର୍ କାର୍ଯ୍ୟକ୍ରମ୍‌ଥି ଆଭାସୀ ଜରିଏ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ ଭିଲ୍ ଜୁଡ଼ି ହେବା ।

ରାଜ୍ୟ କେବିନେଟ୍ ବୈଠକ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜ୍ୟ କେବିନେଟ୍‌ର ବୈଠକ୍ ଚାଲିଛେ । ବୈଠକ୍‌ଥି ୮ ଟା ବିଭାଗ୍‌ର ୯ ଟା ପ୍ରସ୍ତାବ୍

ଉପ୍‌ରେ ଆଲୋଚନା ଚାଲିଛେ । ସେ ଭିତ୍‌ରେ ପଂଚାୟତିରାଜ୍, ଉଚ୍ଚଶିକ୍ଷା, ଗୃହ ଆଉ ନଗର୍ ଉନ୍ନୟନ୍, ପରିବହନ୍, ସ୍ୱାସ୍ଥ୍ୟ ଆଉ ମହିଲା- ଶିଶୁବିକାଶ୍ ବିଭାଗ୍‌ର ପ୍ରସ୍ତାବ୍ ରହିଥିବାର୍ ଜନାପଡ଼ିଛେ ।

## ଆର୍‌ବିଆଇ ଡେପୁଟୀ ଗଭର୍ଣ୍ଣର୍ ଏନ୍‌ଏସ୍‌ଡି

ଭାରତୀୟ ରିଜର୍ଭ ବେଙ୍କ୍‌ର ଡେପୁଟୀ ଗଭର୍ଣ୍ଣର୍ ଭାବେ ଶିରିଶ୍ ଚନ୍ଦ୍ର ମୁର୍ମୁ ଆଏଜ୍ ଦାୟିତ୍ୱ ନେଇଛନ୍ । ଇତାର୍ ଆଘୋନୁ ଶ୍ରୀ ମୁର୍ମୁ ରିଜର୍ଭ ବେଙ୍କ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ୍ ଦାୟିତ୍ୱଥି ଥିଲେ । ଗଲାକାଏଲ୍ ଡେପୁଟୀ ଗଭର୍ଣ୍ଣର୍ ଏମ୍. ରାଜେଶ୍ୱର୍ ରାଓ ଅବସର ନେବାର୍ ଉତ୍‌ରୁ ଶ୍ରୀ ମୁର୍ମୁ ଦାୟିତ୍ୱ ନେଇଛନ୍ । ଇ ପଦ୍‌ଥି ସେ ୩ ବଛର୍ ରହେବେ ।

## କଫ୍‌ସିରପ୍ -କେନ୍ଦ୍ର ପରାମର୍ଶ I&PR

୫ ବଛର୍ ନୁ କମ୍ ବୟସର୍ ଛୁଆମାନ୍‌କର୍ ସୁରକ୍ଷା ଆଉ ଆରୋଗ୍ୟ ଲାଗି କଫ୍ ସିରପ୍ ବେଭାର୍‌କେ ଅଏତ୍‌କା ନିୟନ୍ତ୍ରିତ କର୍‌ବାର୍‌କେ କେନ୍ଦ୍ର ସର୍‌କାର୍ ପରାମର୍ଶ ଦେଇଛନ୍ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତର୍‌ଫୁ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍‌କେ କିଛି ଦିନ୍ ତଲେ ଇ ବାବ୍‌ଦେ

ଚିଠି କରାଯାଇଛେ । ଛୁଆମାନ୍‌କର୍ ଥଣ୍ଡା, ଆଉ କଫ ରୋଗ ଦେହର୍ ପ୍ରତିରୋଧକ୍ ଶକ୍ତିର୍ ବଲେ ଧିରେ ଧିରେ ଠିକ୍ ହେଇଯାଏସି । ସେଥିର୍‌ଲାଗି ସବୁବେଲେ ଉଷୋ ବେଭାର୍ କର୍‌ବାର୍‌ଟା ଠିକ୍ ନୁହେଁସେ । ଇ ସମିଆଥି ଉଷୋକଷା ଦେବାର୍ ବଦ୍‌ଲେ ଛୁଆମାନ୍‌କୁ ଭର୍‌ପୁର୍ ପାଏନ୍, ବିଶ୍ରାମ୍ ଆର୍ ଆନୁସଙ୍ଗିକ୍ ସାହାଜ୍ ଯୁଗେଇ ଦେବାର୍ ଜରୁରୀ ଆଏ ବଲି ଚିଠିଥି କୁହାଯାଇଛେ । ସେନ୍ତା ୨ ବଛର୍‌ନୁ କମ୍ ବୟସର୍ ଛୁଆମାନ୍‌କୁ ଥଣ୍ଡା କି କଫ ହେଲେ କଫ୍ ସିରପ୍ ଦେବାର୍ ଉଚିତ୍ ନାଇଁସେ ବଲି ଚିଠିଥି ପରାମର୍ଶ ଦିଆଯାଇଛେ ।

ସୋସିଆଲ୍ ମିଡ଼ିଆ ଗୁଜବ୍- ପୁଲିସ୍ କମିଶନର୍ ଏକ୍ସ

କଟକ୍ ଗଣ୍ଡଗୋଲ୍ ଘଟ୍‌ନା ଉତ୍‌ରୁ ସାମାଜିକ୍ ଗଣମାଧ୍ୟମ୍‌ର ଅପପ୍ରଚାର୍ ଉପ୍‌ରେ ପୁଲିସ୍ ପ୍ରଶାସନ୍ ତର୍‌ଫୁ କଡ଼ା ନଜର୍ ରଖାଯାଇଛେ । କଟକ୍ ଘଟ୍‌ନାକେ ନେଇକରି ସାମାଜିକ୍ ଗଣମାଧ୍ୟମ୍‌ଥି ଭୁଲ୍ ତଥ୍ୟ ପ୍ରଚାର୍ ପ୍ରସାର୍ କରୁଥିବା ଲୁକ୍‌କର୍ ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଦର୍‌କାର୍ ପଡ଼୍‌ଲେ ଦେଶଦ୍ରୋହ ମାମ୍‌ଲା ଭିଲ୍ ଦାଏର୍ କରାଯିବା ବଲି ପୁଲିସ୍ କମିଶନର୍ ଏସ୍. ଦେବଦତ ସିଂ କହିଛନ୍ । ଭୁଲ୍ ତଥ୍ୟ ପ୍ରଚାର୍ କରୁଥିବା ଲୁକ୍‌କର୍ କଥାଥି

ନାଇଁ ବିଶ୍ୱାସ୍ କର୍‌ବାର୍‌କେ ଶ୍ରୀ ସିଂ ଲୁକ୍‌କୁ ପରାମର୍ଶ ଦେଇଛନ୍ ।

ଶାନ୍ତି-ନୋବେଲ୍ ପୁରସ୍କାର ଆର୍‌ଏନ୍‌ୟୁ/ ସମ୍ବଲପୁର

ଶାନ୍ତି ଲାଗି ନୋବେଲ୍ ପୁରସ୍କାର୍ -୨୦୨୫ ଆଏଜ୍ ଘୋଷ୍‌ନା କରାଯାଇଛେ । ଭେନେଜୁଏଲା ବିଶିଷ୍ଟ ଗଣତାନ୍ତ୍ରବାଦୀ ନେତ୍ରୀ ମାରିଆ କୋରିନା ଇ ବଛର୍ ସମ୍ମାନ୍ ଜନକ୍ ନୋବେଲ୍ ଶାନ୍ତି ପୁରସ୍କାର୍ ପାଏବେ । ଭେନେଜୁଏଲା ନ ଏକଛତ୍ରବାଦ୍‌ନୁ ଗଣତନ୍ତ୍ର ଥାପ୍‌ନା କର୍‌ବାର୍ ଦିଗେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବାର୍‌ନୁ ତାଙ୍କୁ ଇ ପୁରସ୍କାର୍ ଦିଆଯିବା ।

ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମାନସିକ ଭାରସାମ୍ୟ ହରାବାର୍ ଥିତିର୍ ମୁକାବିଲା କର୍‌ବାର୍ ଆର୍ ଇତାର୍ ସହେତେ ଥିବାର୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ଦିଗେ ଉଚିତ୍ ପଦକ୍ଷେପ୍ ନେବାର୍‌କେ ଫି’ ବଛର୍ ଅକ୍ଟୋବର୍ ୧୦ ତାରିଖ୍ ଦିନ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଲନ୍ କରାଯାଏସି । ୧୯୯୨ ମସିହାନୁ ମୁଲ୍ ହେଇଥିବା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ୍ ପାଲନ୍ ଅବ୍‌ସରେ

ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଭିନ୍ ଭିନ୍ ସମସ୍ୟା, ଇତାର୍ ନିରାକରଣ୍ ଆଉ ବିଶ୍ୱ ସମୁଦାୟର୍ ନଜର୍‌କେ ଆନ୍‌ବାର୍ ଲାଗି ସଚେତନତା କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ । ଇ ବଛ୍‌ରର୍ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ୍‌ର ବାର୍ତା ହେଉଛେ 'ଜରୁରୀ ପରିସ୍ଥିତି ସମିଆଥି ମାନସିକ ସ୍ୱାସ୍ଥ୍ୟ' ।

ମାନସିକ ସ୍ୱାସ୍ଥ୍ୟ ଦିବସ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇକ୍ଷେତ୍ରଥି କାମ୍ କରୁଥିବା ବ୍ୟକ୍ତି ବିଶେଷ୍ ଆଉ ସଂସ୍ଥାମାନ୍‌କୁ ଅଭିନନ୍ଦନ୍ ଜନେଇଛନ୍ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଇ ଅବ୍‌ସରେ ଲୁକ୍‌କୁ ମାନସିକ ସୁସ୍ଥତା ଉପ୍‌ରେ ଧ୍ୟାନ୍ ଦେବାର୍‌କେ ପରାମର୍ଶ ଦେଇଛନ୍ ।

ବିଶ୍ୱ ଅଣ୍ଡା ଦିବସ I&PR

ଅଣ୍ଡାର୍ ପୌଷ୍ଟିକ ଗୁଣ୍ ଆର୍ ସ୍ୱାସ୍ଥ୍ୟ ଉପ୍‌ରେ ଇତାର୍ ଲାଭ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ ହଉଛେ ବିଶ୍ୱ ଅଣ୍ଡା ଦିବସ୍ । ୧୯୯୬ ମସିହାନୁ ଆଝିରର୍ ଦିନ୍‌କେ ଅନ୍ତର୍ଜାତୀୟ ଅଣ୍ଡା କମିଶନ୍ ତର୍‌ଫୁ ବିଶ୍ୱ ଅଣ୍ଡା ଦିବସ୍ ଭାବେ ଘୋଷ୍‌ନା କରାଯାଇଥିଲା । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ 'ଶକ୍ତିଶାଳୀ ଅଣ୍ଡା ପ୍ରାକୃତିକ ପୁଷ୍ଟିସାର୍‌ଥି ଭର୍‌ପୁର୍' । ଅଣ୍ଡା ଖାଏବାର୍ ଆଉ ଇତାର୍ ପୁଷ୍ଟିକର ତତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ରାଜ୍ୟ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିଭାଗ୍ ତର୍‌ଫୁ ଭିନ୍ ଭିନ୍

କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଯୋଗ୍ ଦେଇକରି କହିଛନ୍, ଖୋବ୍ ଜଲ୍‌ଦି ଓଡ଼ିଶା ଉତ୍ପାଦନ୍‌ର ଶକ୍ତିକେନ୍ଦ୍ର ହେବା । ରାଏଜେ ଅଣ୍ଡା ଉତ୍ପାଦନ୍ ବଢ଼ାବାର୍ ଲାଗି ସର୍‌କାର୍ ବହୁତ୍‌ଟେ ଯୋଜ୍‌ନା ଆନିଛନ୍ । ଇତାର୍‌ବଲେ ଇହାଦେ ଦିନ୍‌କ ୧ କୋଟି ୧୭ ଲାଖ୍ ଆଉ ବଛର୍‌କ ୩ ଶହ ୭୨ କୋଟି ଅଣ୍ଡା ଉତ୍ପାଦନ୍ ହଉଛେ । ୨ ହଜାର୍ ୨୯ ମସିହାତକ୍ ବଛର୍‌କ ୫ ଶହ କୋଟି ଅଣ୍ଡା ଉତ୍ପାଦନ୍ ଲକ୍ଷ୍ୟ ରଖାଯାଇଛେ ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ।

ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପି.ଆଇ.ବି.

ସେପ୍ଟେମ୍ବର୍ ୧୭ ନୁ ଅକ୍ଟୋବର୍ ୨ ତାରିଖ୍‌ତକ୍ ଦେଶେ ଚାଲିଥିବା ସ୍ୱଚ୍ଛତା ହିଁ ସେବା ଅଭିଯାନ୍‌ଥି ସୂଚ୍‌ନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟ ତର୍‌ଫୁ ସାରା ଦେଶେ ୨ ହଜାର୍ ୭ ଶହ ନୁ ଅଏତ୍‌କା ସ୍ୱଚ୍ଛତା କାର୍ଯ୍ୟକ୍ରମ୍ କରାଯାଇଛେ । ଇଥି ମନ୍ତ୍ରଣାଲୟର୍ ଅନ୍‌ଷାଠେ ହଜାର୍‌ନୁ ଅଏତ୍‌କା ଅଧିକାରୀ ଆଉ କର୍ମଚାରୀ ସାମିଲ୍ ହେଇଥିଲେ । ଗୁଟେ ଦିନ୍ -ଗୁଟେ ଘଂଟା -ଏକାସାଙ୍ଗେ ଆଉ ସ୍ୱଚ୍ଛ ଭାରତ୍ ଦିବସ୍ ପାଲନ୍ କର୍‌ବାର୍ ଲାଗି ଅଧିକାରୀ ଆଉ କର୍ମଚାରୀ ମାନେ ଝାଡୁ ଧରିକରି ରାସ୍ତା ସଫା କରିଥିଲେ । ଇତାର୍‌ସହେତେ ଭିନ୍

ଭିନ୍ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଭିଲ୍ ଆୟୋଜନ୍ କରିଥିଲେ ।

ବରିଷ୍ଠ ନାଗରିକ୍ ଦିବସ I&PR

ସୁସ୍ଥ ସମାଜ୍ ଗଠନ୍ ଆଉ ତାର୍ ବିକାଶ୍ ଦିଗେ ବରିଷ୍ଠ ନାଗରିକ୍ ମାନ୍‌କର୍ ଅଭିଜ୍ଞତା ଆଉ ମାର୍ଗଦର୍ଶନ୍ ସାହାଜ୍ କର୍‌ସି ବଲି ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ଦିବସ୍ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି - ବିକଶିତ ଭାରତ୍ ଆଉ ଭାରତ୍‌କେ ବିଶ୍ୱଗୁରୁ କର୍‌ବାର୍ ଦିଗେ ଆମର୍ ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ବରିଷ୍ଠ ନାଗରିକ ମାନ୍‌କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହେବା ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ । ଇ ଅବ୍‌ସରେ ବରିଷ୍ଠ ନାଗରିକ ମାନ୍‌କୁ ଆର୍ଥିକ୍ ସଚେତନତା, ଡିଜିଟାଲ୍ ସାକ୍ଷରତା ଆଉ ସାଇବର୍ ସୁରକ୍ଷା ବାବ୍‌ଦେ ସଚେତନ୍ କରାଯାଇଥିଲା । ଇତାର୍‌ସହେତେ ସେମାନ୍‌କର୍ ମାହାଲିଆ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

ବରିଷ୍ଠ ନାଗରିକ ଦିବସ ସମ୍ବଲପୁର /ସୁବର୍ଣ୍ଣପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ଆଉ ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ବାଲିବନ୍ଧା ଠାନେ ଥିବା ଜିଲ୍ଲା ପୁନର୍ବାସ୍ ଆଉ ଥଇଥାନ୍ କେନ୍ଦ୍ର ଠାନେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ଭିନ୍ ଭିନ୍ ପୁନର୍ବାସ୍ ଆଉ ଥଇଥାନ୍ କେନ୍ଦ୍ରନୁ ୩ ଶହ ନୁ ଅଏତ୍‌କା ବରିଷ୍ଠ ନାଗରିକ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ବରିଷ୍ଠ ନାଗରିକମାନ୍‌କୁ ଶ୍ରବଣ ଯନ୍ତ୍ର, ଆଶାବାଡ଼ି ସହେତେ ଭିନ୍ ଭିନ୍ ଆବଶ୍ୟକ୍ ଦରବ୍ ବଂଟାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ଅଶୋକ କୁମାର୍ ଭୋଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୌରଚନ୍ଦ୍ର ପାଣି ଆଉ ଅଲ୍‌ଗା ମାନେ ଉପସ୍ଥିତ୍ ଥିଲେ ।

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସଦର୍ ବ୍ଲକ୍ ସମ୍ମିଳନୀ କକ୍ଷ ନ ବରିଷ୍ଠ ନାଗରିକ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ନୃପରାଜ୍ ସାହୁ ଯୋଗ୍ ଦେଇକରି ବରିଷ୍ଠ ନାଗରିକମାନ୍‌କର୍ ମାନସିକ ସ୍ୱାସ୍ଥ୍ୟ ଆଉ ସାମାଜିକ ସୁରକ୍ଷା ଦିଗେ ସମ୍ବେଦନ୍‌ଶୀଲ୍ ରହେବାର୍ ଜରୁରୀ ଆଏ ବଲି କହିଛନ୍ । ଇ ଅବ୍‌ସରେ କେତେ ଝନ୍ ବରିଷ୍ଠ

ନାଗରିକଙ୍କୁ ସମାଜ୍ ସେବା ଲାଗି ଜିଲ୍ଲାପାଲ୍ ସମ୍ବର୍ଦ୍ଧିତ କରିଥିଲେ ।

ପୋଲିଓ ଟୀକାକରଣ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଆଏବା ରଏବାର୍ ଦିନୁ ପୋଲିଓ ଟୀକାକରଣ୍ ଅଭିଯାନ୍ ମୁଲ୍ ହେବା । ରଏବାର୍ ଦିନ ଭିନ୍ ଭିନ୍ ବୁଥ୍ ମାନ୍‌କେ ଛୁଆମାନ୍‌କୁ ପୋଲିଓ ବୁନ୍ଦା ଖୁଆଯିବା । ୧୩ ତାରିଖ୍ ଆଉ ୧୪ ତାରିଖ୍ ଭିଲ୍ ଅଙ୍ଗନବାଡ଼ି କର୍ମୀମାନେ ଘର୍ ଘର୍ ବୁଲିକରି ଛୁଆମାନ୍‌କୁ ପୋଲିଓ ଖୁଆବାର୍ ସହେତେ ଟୀକା ଭିଲ୍ ଦେବେ । ଇ ବାବ୍‌ଦେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଲିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା ପଲ୍‌ସ୍ ପୋଲିଓ ସଚେତନତା ଅଭିଯାନ୍‌ର ଟାସ୍କଫୋର୍ସର ବୈଠକ୍‌ଥି ଧାରିଜ୍ କରାଯାଇଛେ । ଅଭିଯାନ୍‌କେ ଠିକ୍‌ଭାବେ କାର୍ଯ୍ୟକାରୀ କର୍‌ବାର୍ ଲାଗି ଇ ଅବ୍‌ସରେ ଜିଲ୍ଲାପାଲ୍ ବିଭାଗୀୟ ଅଧିକାରୀ ଆଉ କର୍ମଚାରୀ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଦୌଡ଼କୁଦ ପ୍ରତିଯୋଗିତା I&PR

ଭାରତୀୟ ଆଉ ଓଡ଼ିଶା ଦୌଡ଼କୁଦ ସଂଘ ଆଉ ରାଜ୍ୟ କ୍ରୀଡ଼ା ବିଭାଗ୍ ତର୍ଫୁ ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏଜ୍ଠାନୁ ୪୦ ନମ୍ବର୍ ଜାତୀୟ କନିଷ୍ଠ ବର୍ଗ ଦୌଡ଼କୁଦ ପ୍ରତିଯୋଗିତା ମୁଲ୍ ହେଇଛେ । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପ୍ରତିଯୋଗିତାକେ ଉଦ୍‌ଘାଟନ୍ କରିଛନ୍ । ଆଏବା ୧୪ ତାରିଖ୍‌ତକ୍ ହେବାର୍‌କେ ଥିବା ପ୍ରତିଯୋଗିତାଥି ଭିନ୍ ଭିନ୍ ରାଜ୍ୟନୁ ୨ ହଜାର୍ କ୍ରୀଡ଼ାବିତ୍ ଭାଗ୍ ନେଇଛନ୍ । ଓଡ଼ିଶାନୁ ୭୫ ଝନ୍ କ୍ରୀଡ଼ାବିତ୍ ଭାଗ୍ ନେଇଥିଲା ବେଲେ ହରିଆନାନୁ ସବୁନୁ ଜହ ଶହେ ୪୭ ଝନ୍ ଖେଲାଲି ଭାଗ୍ ନେଇଛନ୍ । ସେନ୍ତା ଆଏବା କାଏଲ୍‌ଠାନୁ ୧୫ ତାରିଖ୍‌ତକ୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ୨୮ ନମ୍ବର୍ ଏସୀୟ ଟେବୁଲ୍ ଟେନିସ୍ ଦଲ୍ ଚମ୍ପିଆନ୍‌ସିପ୍ ଭିଲ୍ ଆୟୋଜନ୍ କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ଓଡ଼ିଶା ଆର୍ ତାର୍ ପାଖର୍ ବଙ୍ଗୋପ୍‌ସାଗର୍ ନ ଗୁଟେ ଘୂର୍ଣ୍ଣିବଲୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା ରଏବାର୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି

ଘଡ଼୍‌ଘଡ଼ି ସଙ୍ଗେ ବର୍ଷା ହେବା ବଲି ବିଭାଗ୍ ତର୍‌ଫୁ ୨୦ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ଆଏଜ୍ ଫେର୍ ୩ ଟା ଗେଟ୍ ବନ୍ଦ୍ କରାଯାଇକରି ୨ ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ସଞ୍ଝର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ୬ ଶହ ୨୯ ଦଶ୍‌ମିକ ୮/୯ ଫୁଟ୍ ରହିଛେ ।